# CBSE
# Sample Question Paper, 2025-26
## CLASS - XII
### ODIA (113)

Time Allowed - 3 Hrs | Maximum Marks - 80

**General Instruction :**

1. The Question Paper has total 14 questions and 6 printed pages.
2. It is divided into 4 Sections: -
   - Section-A: Question No. 1- 01 Question - 10 Marks
   - Section-B: Questions No. 2 and 3 - 02 Questions-12 Marks
   - Section-C: Questions No. 4 to 7 - 04 Questions -10 Marks
   - Section-D: Questions No. 8 to 14 - 07 Questions -48 Marks
3. Attempt the questions as per specific instruction.
4. Write down the serial number of the questions in the answer book before attempting it.
5. 15 minutes time has been allotted to read this question paper. The question paper will be distributed at 10.15 am. From 10.15 a.m to 10.30 a.m, the students will read the question paper only and will not write any answer on the answer book during this period.

## SECTION- A

1. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 =10

ସମଗ୍ର ବିଶ୍ୱରେ ଆଜି ଦେଖାଯାଇଛି ଯୁବଆନ୍ଦୋଳନ । ଯୁବକ ଅନ୍ୟାୟକୁ ବରଦାସ୍ତ କରେନାହିଁ । ତେଣୁ ଆଜିର ଦିନରେ ମଧ୍ୟ ଯୁବକମାନଙ୍କ ବେଶପୋଷାକ ଓ ବିଚିତ୍ର ଚଲିଚଳଣି ଦେଖି ପ୍ରବୀଣ ବ୍ୟକ୍ତି ସମାଲୋଚନା କରିବା ସହିତ ସେମାନଙ୍କୁ ଉଚ୍ଛୃଙ୍ଖଳ ବୋଲି ଅଭିହିତ କରିଥା'ନ୍ତି । ମାତ୍ର ଏହା ସତ୍ୟଯେ, ବେଶପୋଷାକ ଏକ ସମସ୍ୟା ନୁହେଁ, ବରଂ ଏକ ବାହ୍ୟ ଆବରଣ । ଯୁବକମାନଙ୍କ ଅସନ୍ତୋଷ ସାମାଜିକ ସମସ୍ୟାର ଗୋଟିଏ ଅଂଶବିଶେଷ । କାରଣ ଯୁବମାନସ ମଧ୍ୟ ଦେଇ ସାମାଜିକ ସମସ୍ୟା ପ୍ରକଟିତ ହୋଇଥାଏ । ତେଣୁ ଯୁବକମାନଙ୍କୁ ଏକ ସମସ୍ୟା ଭାବରେ ଗ୍ରହଣ ନକରି ଯୁବଆନ୍ଦୋଳନର ତାତ୍ପର୍ଯ୍ୟକୁ ହୃଦୟଙ୍ଗମ କରି ସାମାଜିକ ସମସ୍ୟା ସମାଧାନ ପାଇଁ ସଚେଷ୍ଟ ହେବା ଉଚିତ୍ । ଯୁବସମସ୍ୟାର ସମାଧାନ ହୋଇପାରିଲେ ଯୁବଆନ୍ଦୋଳନର ଉଦ୍ଦେଶ୍ୟ ଚରିତାର୍ଥ ହେବ । କାରଣ ସାମାଜିକ ବୈଷମ୍ୟକୁ ଯଥାଶୀଘ୍ର ଦୂରୀଭୂତକରି ସାଧାରଣ ଜନତାର ଆଶା ଆକାଙ୍‌କ୍ଷାକୁ ପୂରଣ କରିବା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ସମାଜରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ଯୁବଆନ୍ଦୋଳନର ଲକ୍ଷ୍ୟ ନୁହେଁ । ସାମାଜିକ ଶାନ୍ତି ପ୍ରତିଷ୍ଠା କରିବା, ଦେଶକୁ ଉନ୍ନତିର ପଥରେ ଅଗ୍ରସର କରାଇବା ଏହାର ମୁଖ୍ୟ ଲକ୍ଷ୍ୟ, ଏଣୁ ଯୁବକମାନଙ୍କୁ ଦେଶର ଭବିଷ୍ୟତ ବୋଲି କୁହାଯାଏ । ସେମାନଙ୍କର ସମସ୍ୟା ସମାଧାନ ହେଲେ, ସେମାନେ ହେବେ କର୍ତ୍ତବ୍ୟନିଷ୍ଠ, ସମାଜ ହେବ ମାର୍ଜିତ । ତେଣୁ ଯୁବଆନ୍ଦୋଳନର ଲକ୍ଷ୍ୟକୁ ହୃଦୟଙ୍ଗମ କରି ଏହାର ସ୍ଥାୟୀ ସମାଧାନ ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ।

(i) ସାମାଜିକ ସମସ୍ୟାର ଅଂଶଭାବେ କାହାକୁ ସୂଚିତ କରାଯାଇଛି ?

(ii) ଯୁବଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ କ'ଣ ?

(iii) ଯୁବକମାନଙ୍କୁ ଦେଶର ଭବିଷ୍ୟତ ବୋଲି କାହିଁକି କୁହାଯାଏ ?

(iv) ସମାଜ ମାର୍ଜିତ ହେବ କିପରି ?

(v) ଯୁବକମାନଙ୍କ ବେଶପୋଷାକ ଏକ ସମସ୍ୟା ନୁହେଁ ବୋଲି କାହିଁକି କୁହାଯାଇଛି ?

## SECTION- B

2. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ । 1 x 6 = 6

   (i) ବୃକ୍ଷରୋପଣର ଆବଶ୍ୟକତା

   (ii) ଶିକ୍ଷାର୍ଥୀ ଓ ନୈତିକ ଶିକ୍ଷା

   (iii) ନିରସ୍ତ୍ରୀକରଣ ଓ ବିଶ୍ୱଶାନ୍ତି

3. ତୁମ ଅଞ୍ଚଳରେ ଏକ ହକି ଷ୍ଟାଡ଼ିୟମ ସ୍ଥାପନ ନିମନ୍ତେ କ୍ରୀଡ଼ା ବିଭାଗର ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

   କିମ୍ବା 1 x 6 = 6

   ତୁମ ଅଞ୍ଚଳରେ ବ୍ୟାପିଥିବା ହଇଜାର ପ୍ରତିକାର ନିମନ୍ତେ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

   (ବି.ଦ୍ର:- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION- C

4. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦଗୁଡ଼ିକୁ ଲେଖ । (ଯେକୌଣସି 3 ଟିର) 3 x 1=3

   (i) ସଂକୋଚନ

   (ii) ଲିଖିତ

   (iii) ବିସ୍ମରଣ

   (iv) ନିଷ୍ଠୁର

5. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ କରି ଲେଖ । (ଯେକୌଣସି 3ଟିର) 3 x 1=3

   (i) ମାଳୀ

   (ii) ଉତେଜିତ

   (iii) ପୁର୍ଣ୍ଣ

   (iv) ପ୍ରସଂଶା

6. ସମୋଚ୍ଚାରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (ଯେକୌଣସି 2 ଟିର) 2 x 1=2

   (i) ଶୁଚି-ସୂଚୀ

   (ii) ପୁର-ପୂର

   (iii) ଜାଗ-ଯାଗ

7. ଏକପଦରେ ଲେଖ । (ଯେକୌଣସି 2ଟିର) 2 x 1=2

   (i) ପରିବାର ସହିତ -

   (ii) ବିଦ୍ୟା ଇଚ୍ଛା କରେ ଯେ -

   (iii) ଖଣିରୁ ଜାତ -

## SECTION- D

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1ଟିର) 1 x 5=5

(i) ଇତିହାସ ଯେପରି ଭାବରେ ଲିଖିତ ହେଉ, ପଠନ ପ୍ରଣାଳୀ ଉପରେ ତାହାର ଉପକାରିତା ବହୁପରିମାଣରେ ନିର୍ଭର କରେ ।

(ii) ଶାସକ ଓ ଶାସିତ ଏକ ଓ ଅଭିନ୍ନ । ସେଥିପାଇଁ ଏ ଶାସନରେ ପ୍ରଭୁ କିମ୍ବା ଦାସ, ଶୋଷକ କିମ୍ବା ଶୋଷିତର କଳ୍ପନା କରାଯାଇ ନପାରେ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ବିପରୀତ ପଥରେ ଗମନ କଲେ କ'ଣ ହେବ ?

(ii) ଇତିହାସ ପାଠଦ୍ୱାରା ନିଜ ଜୀବନର କେଉଁ ବ୍ୟାପାର ପ୍ରତିଭାତ ହୁଏ ?

(iii) ସଭ୍ୟସମାଜ ବନବାସୀମାନଙ୍କ ପାଖକୁ କାହିଁକି ଆସିବେ ବୋଲି କୁହାଯାଇଛି ?

(iv) ଗୁଣ ଅପେକ୍ଷା କେଉଁ ଦେଶରେ ପ୍ରୋପାଗଣ୍ଡା ହିଁ ବିଶେଷ କାମ କରେ ?

(v) ଶିକ୍ଷା ଓ ଯୋଜନା ମଧ୍ୟରେ କିପରି ସମନ୍ୱୟ ରହିପାରିବ ?

10. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1=10

(i) ବର୍ତ୍ତମାନ ଯୁଗର ଇତିହାସ ଲିଖନ ପ୍ରଣାଳୀ କିପରି ?

(A) ସ୍ୱତନ୍ତ୍ର ଓ ଆଦର୍ଶର ନିକଟବର୍ତ୍ତୀ (B) ଐଶ୍ୱର୍ଯ୍ୟଶାଳୀ ରାଜାଙ୍କ ବିବରଣୀ

(C) ଗାଲୁ ଗଳ୍ପରେ ପରିପୂର୍ଣ୍ଣ (D) ଆଦର୍ଶର ନିକଟବର୍ତ୍ତୀ

(ii) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

(A) ଆତ୍ମଜ୍ଞାନ ଲାଭ (B) ତତ୍ତ୍ୱନିରୂପଣ ପ୍ରୟାସ

(C) ଅନ୍ତର୍ଦୃଷ୍ଟି (D) ଈଶ୍ୱର ଚିନ୍ତା

(iii) ଜଳଦର କୃପାହେଲେ ନିର୍ଝରିଣୀ କିପରି ନାଚି ଉଠିବ ?

(A) କ୍ରୀଡ଼ାରତ ବାଳକ ପରି (B) ନର୍ତ୍ତକୀ ପରି

(C) କ୍ରୀଡ଼ାରତ ବସ୍ତରୀ ପରି (D) କୁଳୁକୁଳୁ ନାଦ କରି

(iv) ସିନ୍ଧୁପରି ସାଧବର ସ୍ମୃତି-ପୂତ ଭୂମି ବୋଲି କାହାକୁ କୁହାଯାଇଛି ?

(A) ସମ୍ବଲପୁର (B) କଟକ

(C) ଭୁବନେଶ୍ୱର (D) ଜୟପୁର

(v) ଲୋକପ୍ରତିନିଧି ମନୋନୟନ କେଉଁ ଶାସନର ମେରୁଦଣ୍ଡ ?

(A) ଗଣତନ୍ତ୍ର ଶାସନର (B) ସାମ୍ୟବାଦ ଶାସନର

(C) ଏକଚ୍ଛତ୍ରବାଦ ଶାସନର (D) ରାଜତନ୍ତ୍ର ଶାସନର

(vi) ଶାଳିକ୍ଷେତ୍ରରେ କିପରି ନବନୀଳିମା ଖେଳି ବୁଲିବ ବୋଲି କୁହାଯାଇଛି ?

(A) ରାଜାଙ୍କର ଆଶୀର୍ବାଦ ଥିଲେ (B) ଜଳଦର କୃପା ହେଲେ

(C) ବନବାସୀମାନେ ନୃତ୍ୟ ପରିବେଷଣ କଲେ (D) କୃଷକମାନେ ପରିଶ୍ରମ କଲେ

(vii) ବିଶେଷଜ୍ଞମାନଙ୍କର କେଉଁ ଦେଶରେ ବିଶେଷ ମୂଲ୍ୟ ନାହିଁ ?

(A) ଆମେରିକା (B) ଇଂଲଣ୍ଡ

(C) ଭାରତ (D) ଜାପାନ

(viii) ଯେଉଁ ଦେଶରେ ମୌଳିକ ପୁସ୍ତକ ଲେଖା ହୋଇପାରିବ ନାହିଁ, ସେ ଦେଶରେ କାହାର ସ୍ଫୁରଣ ହୋଇପାରିବ ନାହିଁ ?

(A) ମୌଳିକ ଜ୍ଞାନ (B) ପ୍ରକୃତ ଗଣତନ୍ତ୍ର

(C) ଉଚିତ୍ ଶିକ୍ଷା (D) ମୌଳିକ ଚିନ୍ତା

(ix) ଇତିହାସ ପ୍ରବନ୍ଧଟି ପ୍ରାବନ୍ଧିକଙ୍କ କେଉଁ ପ୍ରବନ୍ଧ ସଙ୍କଳନରୁ ସଂଗୃହୀତ ?

(A) ବିବିଧ ପ୍ରବନ୍ଧ (B) ସାହିତ୍ୟ ଓ ଜୀବନ

(C) ସ୍ୱାଧୀନ ଚିନ୍ତା (D) ଅନନ୍ତ ପ୍ରେମ

(x) ଆମେ କିପରି ଅନ୍ୟମାନଙ୍କ ସହିତ ସମାନ ହୋଇପାରିବା ?

(A) ଯୁକ୍ତିତର୍କ ମାଧ୍ୟମରେ (B) ପାଠ ବଳରେ

(C) ଶାଠବଳରେ (D) ନୀତିନିୟମ ପାଳନ ବଳରେ

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1 ଟିର) 1 x 5=5

(i) ଏ ଛାର ଭିକ୍ଷାରେ ନାଥ, ନ ହେବ କୃପଣ

ଦୟା-ରତ୍ନମୟ ଦାନ-ବାରିଧି ଆପଣ ।

(ii) ତୁମ୍ଭେ ହୋଇ ସେହି ବଂଶର ସନ୍ତତି

ଜଳଧାରା ପରି ହେଲ ଅଧୋଗତି ।

12. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ଉତ୍କଳର ପୂର୍ବ ସମ୍ରାଟମାନଙ୍କ ପରିଚୟ କିପରି ଥିଲା ?

(ii) ସୀତାଙ୍କ ପୁତ୍ରମାନଙ୍କ ମନ ଅଯୋଧ୍ୟା ଯିବା ନିମନ୍ତେ କାହିଁକି ଆକର୍ଷିତ ହେଉଥିଲା ?

(iii) ସନ୍ଧ୍ୟାକାଳୀନ ଦୃଶ୍ୟରେ ଅନୁଭବୀ ବ୍ୟକ୍ତି କ'ଣ ଦେଖିପାରେ ?

(iv) ପିଙ୍ଗଳା ମନରେ କାହିଁକି ବୈରାଗ୍ୟଭାବ ଜାତ ହେଲା ?

(v) 'ଜୟ ହେଉ ପୀଡ଼ନର' କହିବାର ତାତ୍ପର୍ଯ୍ୟ କ'ଣ ?

13. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଗୁଡ଼ିକୁ ବାଛି ଲେଖ । 10 x 1 =10

(i) ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ 'ଯମ' ଶବ୍ଦର ପ୍ରତିଶବ୍ଦ କେଉଁଟି ?

(A) ଇନ୍ଦ୍ର (B) ବ୍ରହ୍ମା

(C) ବିଷ୍ଣୁ (D) ଅନ୍ତକ

(ii) ରାଜାମାନେ ପ୍ରଜାମାନଙ୍କୁ କାହିଁକି ଶୋଷଣ କରୁଥିଲେ ?

(A) ପରୋପକାର ନିମନ୍ତେ (B) ସ୍ୱାର୍ଥସାଧନ ନିମନ୍ତେ

(C) ଗଣିକା, ଓକିଲ ଓ ଛାମୁଆମାନଙ୍କ ପୋଷଣ ନିମନ୍ତେ (D) ଆଧିପତ୍ୟ ବିସ୍ତାର ନିମନ୍ତେ

(iii) ଜଳଧାରାର ଧର୍ମ କ'ଣ ?

(A) ଊର୍ଦ୍ଧ୍ୱକୁ ଉଠିବା (B) ନିମ୍ନକୁ ଗଡ଼ିବା

(C) ସରଳରେଖାରେ ଗତିକରିବା (D) ସ୍ଥିର ହୋଇ ରହିଯିବା

(iv) 'ବଡ଼ପଣ' କବିତାଟି କବିଙ୍କ କେଉଁ କାବ୍ୟରୁ ଆସିଅଛି ?

(A) ଦରବାର (B) କେଦାରଗୌରୀ

(C) ପାର୍ବତୀ (D) ଚିଲିକା

(v) 'ତପସ୍ୱିନୀର ପତ୍ର' କବିତାରେ ସୀତାଙ୍କ ପତ୍ରଟି କେଉଁ ଜଳରେ ଧୌତ ହେଉଥିଲା ?

(A) ସରସୀ ଜଳରେ (B) ସମୁଦ୍ର ଜଳରେ

(C) ନିର୍ଝରିଣୀ ଜଳରେ (D) ନୟନ ଜଳରେ

(vi) ରାମଚନ୍ଦ୍ରଙ୍କ ସଦ୍‌ଗୁଣାବଳୀ ଶତଗୁଣିତ ହେଉଥିବ କାହିଁକି ?

(A) ସୀତାଙ୍କ ସ୍ମୃତିକୁ ମନେପକାଇ (B) ଲବକୁଶଙ୍କ ପରିଚୟ ପାଇ

(C) ମୁଗ୍ଧ ନବବଧୂକୁ ମୁଗ୍ଧ କରିବାପାଇଁ (D) ଋଷିମାନଙ୍କୁ ଆନନ୍ଦ ପ୍ରଦାନ କରିବାପାଇଁ

(vii) ସୂର୍ଯ୍ୟାସ୍ତ ସମୟରେ ଗଛଗୁଡ଼ିକର ଛାଇ ଲମ୍ବି ଯାଇଥିବାରୁ କବି କ'ଣ କଳ୍ପନା କରିଛନ୍ତି ?

(A) ଗଛମାନେ ଅନ୍ଧାରକୁ ଜାବୁଡ଼ି ଧରିଛନ୍ତି (B) ଗଛମାନେ ସୂର୍ଯ୍ୟଙ୍କୁ ପାଦରେ ପ୍ରଣାମ କରୁଛନ୍ତି

(C) ଗଛମାନେ ଗର୍ବରେ ଫୁଲିଉଠୁଛନ୍ତି (D) ପରାଧୀନତା ପରି ଅନ୍ଧକାର ବ୍ୟାପିଯାଉଛି

(viii) ଜେଲ୍‌ର ସିପାହିକୁ କବି ଯମଦୂତ ବୋଲି କାହିଁକି କହିଛନ୍ତି ?

(A) ନିଷ୍ଠୁର ଥିବାରୁ (B) ଦୟାଳୁ ଥିବାରୁ

(C) କ୍ଷମାବନ୍ତ ଥିବାରୁ (D) ଅତିଥିପରାୟଣ ଥିବାରୁ

(ix) ପିଙ୍ଗଳା କେତେବେଳେ ବନ୍ଧୁର ରୂପ ସୌନ୍ଦର୍ଯ୍ୟକୁ ଦର୍ଶନ କରିବାକୁ ଭାବୁଛି ?

(A) ଅମାବାସ୍ୟାରେ (B) ପୂର୍ଣ୍ଣିମାରେ

(C) କେବଳ ଦିବସରେ (D) ଉଷା ଉଷସୀର ଆକାଶରେ

(x) କବି ମାନବଶିଶୁକୁ କିପରି ଜାଗ୍ରତ ହେବାକୁ ପରାମର୍ଶ ଦେଇଛନ୍ତି ?

(A) ପ୍ରତିଶୋଧପରାୟଣ ହୋଇ (B) ସମସ୍ତଙ୍କୁ ଆପଣାରକରି

(C) ଲୌକିକ ଜ୍ଞାନକୁ ଧରି (D) ପ୍ରତିଶ୍ରୁତି ପାଳନକରି

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3 ଟିର) 3 x 2=6

(i) ଅରୁଣ, ତା ବାପାଙ୍କୁ କାହିଁକି ବ୍ରିଟିଶ ସରକାରଙ୍କ ଗୋଲାମ ବୋଲି କହିଛି ?

(ii) ପୋଇଲି ପଦି କାହିଁକି ଭାରି ପାଟିଟାଏ କରିଥିଲା ?

(iii) ପ୍ରତ୍ୟେକ ଶିକ୍ଷକ କେଉଁ ଦିନକୁ ଅପେକ୍ଷା କରି ରହିଥାଏ ?

(iv) ହଂସମାନେ କିପରି ଊର୍ଦ୍ଧ୍ୱକୁ ଉଠିଥିଲେ ?

(v) "ଯୁଦ୍ଧଟିଏ ଅଭାବରୁ ଏ ଦୁର୍ଦ୍ଦଶା ସିନା"- ଏହା କାହିଁକି କୁହାଯାଇଛି ?

◈◈◈